୯ମ-୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ



ଶିକ୍ଷା ସମ୍ବାଦ

ପୃଷ୍ଠା > ୧୦

SAMBAD

ସମ୍ବାଦ



ଅନିଶାଙ୍କ ଜଳପ୍ରପାତ ଆବିଷ୍କାର

www.sambadepaper.com/sambad.in

Wednesday, 4 September, 2019 | Page 18 ₹ 7.00 | ଭୁବନେଶ୍ୱର | ଶନିବାର ୧୨ ସେପ୍ଟେମ୍ବର ୨୦୨୦ | ୧୮ ପୃଷ୍ଠା, ମୂଲ୍ୟ ୭ ଟଙ୍କା | PRINTED AT BHUBANESWAR | BALASORE | JEYPORE | BARGARH | BALASORE

# ୩୦ ବର୍ଷ ପରେ ଘରକୁ ଫେରିଲେ ମହିଳା

ଚିତ୍ରଡ଼ା, ୩/୯(ଇମିସ): ବିବାହ ପରେ ସୁରୁଖୁରୁରେ ଚାଲିଥିଲା ସୁମିତ୍ରାଙ୍କ ସଂସାର। ହେଲେ ହଠାତ ମାନସିକ ସନ୍ତୁଳନ ବିଗିଡିଗଲା ଏବଂ ୧୯୮୯ ମସିହାରେ ଘରୁ କେଉଁ ଆଡ଼କୁ ଚାଲିଯାଇଥିଲେ। ଅଉ ଆଜି ହଠାତ୍ ସୁମିତ୍ରା ଗାଁକୁ ଫେରି ଆସିଛନ୍ତି। ୩୦ ବର୍ଷ ପରେ ମା'କୁ ପାଇ ଦୁଇ ପୁଅଙ୍କ ସମେତ ସାରା ଗାଁ ଖୁସୀରେ ଆତ୍ମବିଭୋର ହୋଇ ସୁମିତ୍ରାଙ୍କୁ ସିନ୍ଦୁର ଚନ୍ଦନ ଲଗାଇ ବନ୍ଦାପନା କରି ସ୍ୱାଗତ କରିଛନ୍ତି। ସୂଚନା ଯୋଗ୍ୟ ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକ ସାନମୁଣ୍ଡାବଣି ପଞ୍ଚାୟତ ପାରିଆକୁଲି ଗ୍ରାମର ଗଣେଶ୍ୱର ବେହେରାଙ୍କ ସ୍ତ୍ରୀ ସୁମିତ୍ରା(୬୦) ୧୯୮୯ ମସିହାରୁ ଘରୁ କେଉଁ ଆଡ଼କୁ ଚାଲିଯାଇଥିଲେ। ପରିବାର ଲୋକେ ଏବଂ ସ୍ୱାମୀ ଅନେକ ଖୋଜାଖୋଜି କରିଥିଲେ ବି କୌଣସି ସୂଚନା ପାଇନଥିଲେ। ସୁମିତ୍ରା ଘରଛାଡି ଗଲାବେଳକୁ ତାଙ୍କର ଦୁଇ ପୁଅ ସଞ୍ଜୟ ଏବଂ ସଞ୍ଜୀବ ୮ ଓ ୧୦ ବର୍ଷର ହୋଇଥିଲେ। ଇତି ମଧ୍ୟରେ ଦୀର୍ଘ ୩୦ ବର୍ଷ ବିତି ଯାଇଥିଲେ ସୁଦ୍ଧା ନିଖୋଜ ସୁମିତ୍ରାଙ୍କର କୌଣସି ଖୋଜ ଖବର ନଥିଲ ଏବଂ ସୁମିତ୍ରାଙ୍କ ସ୍ୱାମୀ ମଧ୍ୟ ଦ୍ୱିତୀୟ ବିବାହ ମଧ୍ୟ କରିସାରିଛନ୍ତି। ସୁମିତ୍ରାଙ୍କ ପୁଅ ସଞ୍ଜୟ (୪୦) ଏବଂ ସଞ୍ଜୀବ(୩୮)ମଧ୍ୟ ବିବାହ କରି ସଂସାର କରିଛନ୍ତି। ଆଉ ଆଜି ହଠାତ ସୁମିତ୍ରା ନିଜ ଘରକୁ ଫେରିଆସିଛନ୍ତି। ସୁମିତ୍ରାଙ୍କୁ ଫେରାଇ ଆଣିଥିବାରେ ୨ ଜଣ ସ୍ୱେଚ୍ଛାସେବୀ ଯୁବତୀଙ୍କ ହାତ ରହିଛି। ଶ୍ରଦ୍ଧା

## ଶ୍ରଦ୍ଧା ଫାଉଣ୍ଡେସନ ପାଇଥିଲା ପରିଚୟ

ରିହାବିଲିଟେସନ ଫାଉଣ୍ଡେସନର ସଦସ୍ୟା ତଥା ନୟାଗଡ଼ ଜାମୁଝଲା ଗ୍ରାମର ଲକ୍ଷ୍ମୀପ୍ରିୟା ବିଶୋଇ ଏବଂ ମଧ୍ୟପ୍ରଦେଶ ଅଞ୍ଚଳର ଯୁବତୀ ସରିତା ଦେଶମୁଖୀ ତାଙ୍କୁ ମହାରାଷ୍ଟ୍ରରୁ ଉକ୍ତ ସଂସ୍ଥା ମାଧ୍ୟମରେ ଉଦ୍ଧାର କରି ହସ୍ପିଟାଲରେ ଚିକିତ୍ସା କରିଥିଲା। ଉକ୍ତ ସଂସ୍ଥା ମାନସିକ ରୋଗୀ ଏବଂ ପାଗଳମାନଙ୍କ ଚିକିତ୍ସା ସହିତ ସେମାନଙ୍କୁ ତାଙ୍କ ପରିବା ପର୍ଯ୍ୟନ୍ତ ପହଞ୍ଚାଇବାର କାର୍ଯ୍ୟ କରୁଅଛି। ଏହି ସଂସ୍ଥା ସୁମିତ୍ରାଙ୍କୁ ଉଦ୍ଧାର କରିବା ସହିତ ଚିକିତ୍ସା କରି କାଉନ୍ସିଲିଂ ମାଧ୍ୟମରେ ଘର ଠିକଣା ପାଇଥିଲା। ଗତ ସୋମବାର ରାତିରେ



ଭୁବନେଶ୍ୱରରେ ପହଞ୍ଚିବା ପରେ ଆଜି ଚିତ୍ରଡାରେ ପହଞ୍ଚି ଥିଲେ ସୁମିତ୍ରା। ତାଙ୍କ ଏହି ଘର ବାହୁଡ଼ା ପାଇଁ ଶ୍ରଦ୍ଧା ଫାଉଣ୍ଡେସନ ଏବଂ ଲକ୍ଷ୍ମୀପ୍ରିୟାଙ୍କୁ ଢେର ପ୍ରସଂଶା କରିଛନ୍ତି ଅଞ୍ଚଳବାସୀ।